# "ମୁଁ ସୁରକ୍ଷା ପାଇଲା ଭଳି ଉତ୍ତର ଦେଇପାରୁ ନାହାଁନ୍ତି" !

ମୁଁ ସନ୍ତୋଷ କୁମାର ନାଏକ୍ (ଛଦ୍ମନାମ) । ଘର ଭୋଗରାଇ ଥାନା, ଜିଲ୍ଲା- ବାଲେଶ୍ୱରରେ ଅଟେ । ଆମେ ଚାରି ଭାଇ ଏବଂ ଦୁଇ ଭଉଣୀ ଅଟୁ । ବାପା ଗାଁରେ ଚାଷ କରି ଆମମାନଙ୍କୁ ବହୁ କଷ୍ଟରେ ମଣିଷ କରିଥିଲେ । ସମସ୍ତଙ୍କ ଭଳି ମଧ୍ୟସ୍ଥିଙ୍କ ଚେଷ୍ଟାରେ ମୋର ମଧ ବିବାହ ୨୦୦୪ ମସିହା ମଇ ମାସ ୨୦ତାରିଖରେ ବାଲେଶ୍ୱର ନିକଟବର୍ତ୍ତୀ ଏକ ଗାଁରେ ହୋଇଥିଲା । ମୁଁ ହେଉଛି ରିଜର୍ଭ ପୋଲିସ୍‌ର ଜଣେ କର୍ମଚାରୀ, ମୋର ସ୍ତ୍ରୀ ଥାନାରେ ଚାକିରୀ କରୁଥିବା ଜଣେ ପୋଲିସ୍ କର୍ମଚାରୀ । ବାହାଘରର ମାତ୍ର ଛଅ ମାସ ପର୍ଯ୍ୟନ୍ତ ଆମ ଉଭୟଙ୍କ ମଧ୍ୟରେ ଅତି ଉତ୍ତମ ସମ୍ପର୍କ ରହିଥିଲା । ସାମାନ୍ୟ କଥାରେ ମୋର ସ୍ତ୍ରୀ ଉତ୍କ୍ଷିପ୍ତ ହୋଇ ଝଗଡ଼ା ପାଟିତୁଣ୍ଡ କରେ । ସେ ଚାକିରୀ କରିଥିବାରୁ ତାଙ୍କ ପରିବାର ଲୋକ ବାହାଘର ସମୟରେ କୌଣସି ପଇସାପତ୍ର ଦେଇ ନଥିଲେ । ମାତ୍ର ମୋର ସ୍ତ୍ରୀ ଚାକିରୀ କରିଥିବା ପଇସାକୁ ବାପ ଘରକୁ ପଠାଇ ଦିଏ ଓ ତାର ଆଉ ଜଣେ ପୁରୁଷଙ୍କ ସହିତ ସମ୍ପର୍କ ରହିଥିଲା । ଇତି ମଧ୍ୟରେ ମୋର ରାଉରକେଲାକୁ ବଦଳି ହୋଇଗଲା । ସେ ବାଲେଶ୍ୱରରେ ମୁଁ ରାଉରକେଲାରେ, ଏପରିକି ଯେବେ ଘରକୁ ଆସିଲେ ମଧ ମୋ ସାଙ୍ଗରେ ସେ ଶାରିରୀକ ସମ୍ପର୍କ ରଖିବା ପାଇଁ ଘୃଣା କରନ୍ତି । ଏପରିକି ଅନେକ ସମୟରେ ମୋ ଶରୀରରୁ ଅପରିଷ୍କାର ଗନ୍ଧ ବାହାରୁଛି ବୋଲି ମୋତେ କୁହନ୍ତି । ଯାହା ମୋତେ ଗଭୀର ମାନଶୀକ ଆଘାତ ଦେଉଥିଲା । ସେ ୧୦ ବର୍ଷ ଧରି ଆମ ଘରକୁ ନଆସିବା ଓ ମୋ ସହ ଶାରିରୀକ ସମ୍ପର୍କ ନରଖିବାରୁ ମୁଁ ବାଧ ହୋଇ ୨୦୧୪ ସେପ୍ଟେମ୍ବରରେ ଆଇନିଜୀବୀଙ୍କ ପରାମର୍ଶ କ୍ରମେ ରାଉରକେଲା ପରିବାର ଅଦାଲତରେ ଏକ ମାମଲା ରୁଜୁ କଲି । ଏହା ପରେ ମୋର ସ୍ତ୍ରୀ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏହି କେସ୍‌ର ସ୍ଥାନାନ୍ତରଣ କରି ବାଲେଶ୍ୱର ପରିବାର ଅଦାଲତକୁ ଆଣିଲେ । ସେ ବାଲେଶ୍ୱରର ପୋଲିସ୍ ଏବଂ ଜଣେ ମହିଳା ହୋଇଥିବାରୁ ମୁଁ ଯାହା କହିଲେ ମଧ କୋର୍ଟର କର୍ମଚାରୀମାନେ ମୋତେ ତାସ୍ଛଲ୍ୟ କଲେ । ଏଭଳି ଭାବରେ ସେଠାରେ ମୋତେ କଥା କହିଲେ ଯେ, ମୁଁ ବାଧ ହୋଇ ଉକ୍ତ କେସ୍‌କୁ ପ୍ରତ୍ୟାହାର କରିନେଲି । ମୋ ସ୍ତ୍ରୀ ଏବେ ମୋତେ କହୁଛି, ମତେ ଚାଳିଷ ଲକ୍ଷ ଦେଇ ଦିଅ । ମୁଁ ତୁମକୁ ଛାଡ଼ପତ୍ର ଦେଇଦେବି । ନତୁବା ତୁମ ପରିବାରକୁ ଜେଲ୍‌ରେ ପୁରାଇ ଚକି ପେଷାଇବି । ଏପରି ସ୍ଥଳରେ ମୁଁ ରାଉରକେଲା, ଭୁବନେଶ୍ୱର ଓ କଟକରେ ଏକାଧିକ ଆଇନିଜୀବୀ ଓ ପୋଲିସ୍‌ଙ୍କୁ ପଚାରିଲେ ମଧ କେହିବି ଜଣେ ଆମ୍ଭ ସନ୍ତୋଷ ଦେଲାଭଳି ଏବଂ "ମୁଁ ସୁରକ୍ଷା ପାଇଲା ଭଳି ଉତ୍ତର ଦେଇପାରୁ ନାହାଁନ୍ତି" । ମୁଁ ଏବେ ସମ୍ପୂର୍ଣ୍ଣ ହତୋତ୍ସାହ ଓ ନିରୁପାୟ ମଧ । ମୁଁ ବିବାହ କରି କେତେ ବଡ଼ ଭୁଲ୍ କରିଛି ଆଜି ପଶ୍ଚାତାପ କରୁଛି............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।